# REGIONAL NEWS UNIT, AIR CUTTACK

## Evening Bulletin (6.45 PM)

### 22 July - 2025

**********************************

## ମୁଖ୍ୟ ସମ୍ବାଦ

- ଦେଶରେ ଆଗାମୀ ଜନଗଣନା ପାଇଁ ପ୍ରସ୍ତୁତି ଆରମ୍ଭ ହୋଇଥିବା ଲୋକସଭାରେ ସୂଚନା ଦେଲେ ସ୍ୱରାଷ୍ଟ୍ର ରାଷ୍ଟ୍ର ମନ୍ତ୍ରୀ
- ଏଫ୍.ଏମ୍. କଲେଜ ଛାତ୍ରୀ ମୃତ୍ୟୁ ଘଟଣାର ଏସ୍.ଆଇ.ଟି. ତଦନ୍ତର ଆବଶ୍ୟକତା ନାହିଁ; ସ୍ପଷ୍ଟ କଲେ ହାଇକୋର୍ଟ
- ବଲାଙ୍ଗୀର ଜିଲ୍ଲା ଖପ୍ରାଖୋଲଠାରେ ବିଭିନ୍ନ ଜନକଲ୍ୟାଣକାରୀ ଯୋଜନାର ଉଦ୍‌ଘାଟନ ଓ ଶିଳାନ୍ୟାସ କଲେ ଉପମୁଖ୍ୟମନ୍ତ୍ରୀ

ଏବଂ

- ରାଜ୍ୟର ସମସ୍ତ ଚାଷୀଙ୍କର କରାଯିବ ଇ-କେୱାଇସି

*Desk*

## ଏଲ୍ଏସ୍-ସେନ୍ସସ୍

ଦେଶରେ ଆଗାମୀ ୨୦୨୭ ଜନଗଣନା ପାଇଁ ପ୍ରସ୍ତୁତି ଆରମ୍ଭ ହୋଇଛି । ଲୋକସଭାରେ ଆଜି ଏକ ପ୍ରଶ୍ନର ଲିଖିତ ଉତ୍ତରରେ ସ୍ୱରାଷ୍ଟ୍ର ରାଷ୍ଟ୍ରମନ୍ତ୍ରୀ ନିତ୍ୟାନନ୍ଦ ରାୟ କହିଛନ୍ତି, ଜନଗଣନା ପ୍ରସ୍ତୁତି ନେଇ ଗତ ୩ ଏବଂ ୪ ତାରିଖରେ ନୂଆଦିଲ୍ଲୀ ଠାରେ ଦୁଇଦିନିଆ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି । ଏଥିରେ ଜନଗଣନା କାର୍ଯ୍ୟ ନିର୍ଦ୍ଦେଶକ, ବିଭାଗୀୟ ବରିଷ୍ଠ ଅଧିକାରୀ ଏବଂ ରେଜିଷ୍ଟ୍ରାର ଜେନେରାଲ୍ ପ୍ରମୁଖ ଯୋଗଦେଇଥିଲେ । ଆଗାମୀ ଜନଗଣନା ଏବଂ ଏ ସମ୍ପର୍କିତ କାର୍ଯ୍ୟକାରିତା ନେଇ ରୋଡ୍ ମ୍ୟାପ୍ ଉପରେ ସମ୍ମିଳନୀରେ ବିସ୍ତୃତ ଆଲୋଚନା ହୋଇଛି । ପ୍ରଶାସନିକ ସଂସ୍ଥା ଗୁଡ଼ିକର କାର୍ଯ୍ୟଶୈଳୀକୁ ଚୂଡ଼ାନ୍ତ କରିବା, ମୋବାଇଲ୍ ଆପ୍ ମାଧ୍ୟମରେ ତଥ୍ୟ ସଂଗ୍ରହ ଏବଂ ତଦାରଖ ବ୍ୟବସ୍ଥା ପୋର୍ଟାଲ୍ ମାଧ୍ୟମରେ ଜନଗଣନା କାର୍ଯ୍ୟର ପରିଚାଳନା ଆଦି ଉପରେ ଏହି ସମ୍ମିଳନୀରେ ତାଲିମ୍ ପ୍ରଦାନ କରାଯାଇଛି । ଗତ ମାସ ୧୬ ତାରିଖରେ ଜନଗଣନା ପାଇଁ ଗେଜେଟ୍ ବିଜ୍ଞପ୍ତି ପ୍ରକାଶ ପାଇଥିଲା ।

*Desk*

## କ୍ରାଇମବ୍ରାଞ୍ଚ

ବାଲେଶ୍ୱର ଫକୀର ମୋହନ କଲେଜର ଛାତ୍ରୀ ମୃତ୍ୟୁ ଘଟଣାର କ୍ରାଇମବ୍ରାଞ୍ଚ ତଦନ୍ତରେ ହାଇକୋର୍ଟ ସନ୍ତୋଷ ପ୍ରକାଶ କରିଛନ୍ତି। ପରବର୍ତ୍ତୀ ସମୟରେ ଘଟଣାକୁ ନେଇ ଏସ୍.ଆଇ.ଟି.ର ତଦନ୍ତ ଆବଶ୍ୟକତା ନାହିଁ ବୋଲି ହାଇକୋର୍ଟ କହିଛନ୍ତି। ଏହା ସହ ରାଜନୈତିକ ଦଳକୁ

ଆନ୍ଦୋଳନରୁ ନିବୃତ୍ତ ରହିବା ପାଇଁ ହାଇକୋର୍ଟ ପକ୍ଷରୁ ନୋଟିସ ଜାରି କରାଯାଇଛି ।

***Gajapati***

## ନ୍ୟାୟାଳୟର କୋଠା ଉଦ୍‌ଘାଟନ

ଓଡ଼ିଶା ହାଇକୋର୍ଟର ମୁଖ୍ୟ ବିଚାରପତି ଜଷ୍ଟିସ ହରିଶ ଟଣ୍ଡନ ଗଜପତି ଜିଲ୍ଲା କାଶୀନଗରଠାରେ ୫ କୋଟି ୨୯ ଲକ୍ଷ ଟଙ୍କା ବ୍ୟୟରେ ନିର୍ମିତ ଗ୍ରାମ ନ୍ୟାୟାଳୟର ନୂତନ କୋଠାକୁ ଆଭାସୀ ମାଧ୍ୟମରେ ଉଦ୍‌ଘାଟନ କରିଛନ୍ତି । ନୂତନ କୋଠାରେ ଇ-ଲାଇବ୍ରେରୀ, ଇ-ସେବା ସହ ବାର୍ ହାଉସ ଏବଂ ଜନସାଧାରଣଙ୍କ ପାଇଁ ବିଶେଷ ସୁବିଧା ଉପଲବ୍ଧ ହେବ । ବିଭିନ୍ନ ମକଦ୍ଦମା ପାଇଁ ଆସୁଥିବା ଲୋକମାନେ ଏହାଦ୍ୱାରା ଉପକୃତ ହେବା ସହ ତ୍ୱରିତ ସେବା ପାଇପାରିବେ । କାର୍ଯ୍ୟକ୍ରମରେ ଗଜପତି ଜିଲ୍ଲା ଦୌରାଜଜ୍ ଜଗଦୀଶ ପ୍ରସାଦ ମହାନ୍ତିଙ୍କ ସମେତ ଜିଲ୍ଲାର ବହୁମାନ୍ୟଗଣ୍ୟ ବ୍ୟକ୍ତି ଯୋଗ ଦେଇଥିଲେ ।

***HS***

## ରାଜ୍ୟପାଳଙ୍କୁ ସାକ୍ଷାତ

ରାଜସ୍ୱ ଏବଂ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ ଆଜି ରାଜ୍ୟପାଳ ହରିବାବୁ କମ୍ଭମପାଟିଙ୍କୁ ରାଜଭବନରେ ସାକ୍ଷାତ କରିଛନ୍ତି । ବିପର୍ଯ୍ୟୟ ମୁକାବିଲା ଏବଂ ଜନକଲ୍ୟାଣ ସଂକ୍ରାନ୍ତରେ ମନ୍ତ୍ରୀ ଶ୍ରୀ ପୂଜାରୀ ରାଜ୍ୟପାଳଙ୍କ ସହ ଆଲୋଚନା କରିଛନ୍ତି । ପ୍ରସ୍ତୁତି ଏବଂ ଅନ୍ତର୍ଭୁକ୍ତୀ ମୂଳକ ବିକାଶକୁ ତ୍ୱରାନ୍ୱିତ କରିବା ଦିଗରେ ଓଡ଼ିଶାର ପ୍ରୟାସ ବିଷୟରେ ମନ୍ତ୍ରୀ ଶ୍ରୀ ପୂଜାରୀ ରାଜ୍ୟପାଳଙ୍କୁ ଅବଗତ କରାଇଛନ୍ତି ।

***BBSR/R***

## ଡାକ୍ତର ବହିଷ୍କାର

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଯାଜପୁର ଜିଲ୍ଲା ମଧୁବନ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ପୂର୍ବତନ ଚିକିତ୍ସା ଅଧିକାରୀ ଡାକ୍ତର କରୁଣାକର ରାଉତଙ୍କୁ ଚାକିରିରୁ ବହିଷ୍କାର କରିଛନ୍ତି।  କଟକ ଭିଜିଲାନ୍ସ ବିଭାଗ ପକ୍ଷରୁ ରୁଜୁ ଏକ ମାମଲାରେ ଶ୍ରୀ ରାଉତ ଦୋଷୀ ସାବ୍ୟସ୍ତ ହୋଇଛନ୍ତି। ଡାକ୍ତର ରାଉତ ଭଦ୍ରକ ଜିଲ୍ଲା ସଦର ମହକୁମା ଡାକ୍ତରଖାନାର ମାନସିକ ସ୍ୱାସ୍ଥ୍ୟ ଏବଂ କର୍କଟ ବିଭାଗର ବରିଷ୍ଠ ଚିକିତ୍ସା ଅଧିକାରୀ ଭାବେ କାର୍ଯ୍ୟ କରୁଥିଲେ।

***Desk***

## ଡାକ୍ତରୀ ଛାତ୍ରଙ୍କ ମୃତ୍ୟୁ

ଢେଙ୍କାନାଳ ଜିଲ୍ଲାର ଡାକ୍ତରୀ ଛାତ୍ର ଯାଦବେନ୍ଦ୍ର ସାହୁଙ୍କ ମରଶରୀର ତାଙ୍କ ଗ୍ରାମ ବୈଦ୍ୟକାଟେଣୀ ଗାଁରେ ପହଁଞ୍ଚିବା ପରେ ଆଜି ଶେଷକୃତ୍ୟ ସମ୍ପନ୍ନ ହେବ। ସୂଚନା ଅନୁସାରେ, ବିହାରର ପାଟନା ଏମ୍ସରେ ଯାଦବେନ୍ଦ୍ର ପ୍ରଥମ ବର୍ଷ ପିଜି ଛାତ୍ର ଥିଲେ।

***Balangir***

## ଉପମୁଖ୍ୟମନ୍ତ୍ରୀ– ଶିଳାନ୍ୟାସ

ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ ଆଜି ବଲାଙ୍ଗୀର ଜିଲ୍ଲା ଖପ୍ରାଖୋଲ ବ୍ଲକରେ ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟର ଶିଳାନ୍ୟାସ ଏବଂ ଉଦ୍‌ଘାଟନ କରିଛନ୍ତି। ସୁଗମ ଏବଂ ଗୁଣାତ୍ମକ ଶିକ୍ଷା ପାଇଁ ଖପ୍ରାଖୋଲ ଲାଠୋରଠାରେ ନବନିର୍ମିତ ଅତିରିକ୍ତ ଶ୍ରେଣୀ ଗୃହକୁ ଉପମୁଖ୍ୟମନ୍ତ୍ରୀ ଉଦ୍‌ଘାଟନ କରିଥିଲେ। ପରେ ନୂତନ ମିନି ଷ୍ଟାଡିୟମ୍ ନିର୍ମାଣ ପାଇଁ

ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି। ଉପମୁଖ୍ୟମନ୍ତ୍ରୀ ଶ୍ରୀ ସିଂହଦେଓ କରୁଆଁଝର ବିଦ୍ୟାଳୟର ୧୮ ଲକ୍ଷ ଟଙ୍କା ବ୍ୟୟରେ ନିର୍ମିତ ନୂତନ କୋଠାର ଶିଳାନ୍ୟାସ କରିଥିଲେ। ଖପ୍ରାଖୋଲ ନିୟନ୍ତ୍ରିତ ବଜାର କମିଟି ଗୋଦାମ ଗୃହର ଉଦ୍‌ଘାଟନ ସହ ସେଠାରେ ଉପସ୍ଥିତ ଥିବା ଜନସାଧାରଣଙ୍କୁ ଜିଲ୍ଲାରେ କାର୍ଯ୍ୟକାରୀ ହୋଇଥିବା ବିଭିନ୍ନ ଯୋଜନାର ସୁଫଳ ସମ୍ପର୍କରେ ଉପମୁଖ୍ୟମନ୍ତ୍ରୀ ପଚାରି ବୁଝିଥିଲେ।

***Desk***

## ମୁଖ୍ୟମନ୍ତ୍ରୀ ବସ୍ ସେବା

କୋଟିଆରେ ଖୁବ୍ ଶୀଘ୍ର ପରିବହନ ବିଭାଗ ପକ୍ଷରୁ ମୁଖ୍ୟମନ୍ତ୍ରୀ ବସ୍ ସେବା ଆରମ୍ଭ ହେବ ବୋଲି ଖଣି ଓ ପରିବହନ ମନ୍ତ୍ରୀ ବିଭୂତି ଜେନା କହିଛନ୍ତି। କୋଟିଆ ଓଡ଼ିଶାର ଅବିଚ୍ଛେଦ୍ୟ ଅଙ୍ଗ। କୋଟିଆର ସମନ୍ୱିତ ବିକାଶ ସରକାରଙ୍କ ପ୍ରାଥମିକ ଦାୟିତ୍ୱ। ଖଣିଖାଦାନରେ ଭରପୁର କୋଟିଆର ସଦୁପଯୋଗ କରିବାକୁ ଖଣି ବିଭାଗ ପକ୍ଷରୁ ପ୍ରଚେଷ୍ଟା ଜାରି ରହିଛି ବୋଲି ମନ୍ତ୍ରୀ କହିଛନ୍ତି।

***BBSR/R(Repeat)***

## ଚାଷୀ ଇ-କେୱାଇସି

ରାଜ୍ୟର ସମସ୍ତ ଚାଷୀଙ୍କର ଇ-କେୱାଇସି କରାଯିବ ବୋଲି ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ କୃଷ୍ଣ ଚନ୍ଦ୍ର ପାତ୍ର କହିଛନ୍ତି। ଭୁବନେଶ୍ୱର ଲୋକସେବା ଭବନଠାରେ ଆଜି ଚାଷୀଙ୍କ ଧାନ ବିକ୍ରୀ ନେଇ ମନ୍ତ୍ରୀ ଶ୍ରୀ ପାତ୍ରଙ୍କ ଅଧ୍ୟକ୍ଷତାରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି।

ବୈଠକରେ ପଞ୍ଜୀକରଣ ସମସ୍ୟାର ସମାଧାନ ନେଇ ବିଚାରବିମର୍ଶ ହେବା ସହ ନିୟମ କୋହଳ କରିବାକୁ ସରକାର ବିଚାର କରୁଥିବା ଆମ ସମ୍ବାଦଦାତା ଜଣାଇଛନ୍ତି। ଅନ୍ୟପକ୍ଷରେ, ରାଜ୍ୟରେ ଚାଷୀଙ୍କ ଇ-କେୱାଇସି ପାଇଁ ଚଳିତମାସ ୧୯ ତାରିଖରୁ ପଞ୍ଜୀକରଣ ପ୍ରକ୍ରିୟା ଆରମ୍ଭ ହୋଇଛି। ଯାହା ଆସନ୍ତା ମାସ ୨୦ ତାରିଖ ପର୍ଯ୍ୟନ୍ତ ଜାରି ରହିବ। ଏହି ଅବଧି ମଧ୍ୟରେ ସମସ୍ତ ଚାଷୀଙ୍କୁ ଇ-କେୱାଇସି କରିବାକୁ ମନ୍ତ୍ରୀ ଶ୍ରୀ ପାତ୍ର ପରାମର୍ଶ ଦେଇଛନ୍ତି।

**- V/O –**

***BBSR/C***

## ଆର୍ଥିକ ଅର୍ନ୍ତଭୁକ୍ତୀକରଣ

ଆର୍ଥିକ ଅର୍ନ୍ତଭୁକ୍ତୀକରଣ ଅଭିଯାନ ଅଧୀନରେ ରାଜ୍ୟର ସମସ୍ତ ୬ ହଜାର ୭୯୪ ଗ୍ରାମ ପଞ୍ଚାୟତକୁ ଅନ୍ତର୍ଭୁକ୍ତ କରିବାକୁ କେନ୍ଦ୍ର ସରକାରଙ୍କ ଆର୍ଥିକ ସେବା ବିଭାଗ ପକ୍ଷରୁ ନିଷ୍ପତ୍ତି ନିଆଯାଇଛି।

ଏ ସମ୍ପର୍କରେ ଶୁଣନ୍ତୁ ଏକ ରିପୋର୍ଟ...

ଆର୍ଥିକ ଅର୍ନ୍ତଭୁକ୍ତୀକରଣ ଅଭିଯାନ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ବିକଶିତ ଭାରତ ଦୃଷ୍ଟିକୋଣ ସହ ସମନ୍ୱିତ, ଯାହା ସମାଜର ସମସ୍ତ ବର୍ଗଙ୍କୁ ଅର୍ଥନୈତିକ ମୁଖ୍ୟସ୍ରୋତରେ ସାମିଲ ପାଇଁ ଲକ୍ଷ୍ୟ ରଖିଛି। ଅଭିଯାନ ସମ୍ପର୍କରେ ଭୁବନେଶ୍ୱରରେ ଗଣମାଧ୍ୟମ ପ୍ରତିନିଧିଙ୍କୁ ପ୍ରତିକ୍ରିୟା ଦେଇ ରାଜ୍ୟସ୍ତରୀୟ ବ୍ୟାଙ୍କର୍ସ କମିଟିର ସଂଯୋଜକ ଗୌତମ ପାତ୍ର

କହିଛନ୍ତି, ରାଜ୍ୟରେ ଏହି ଅଭିଯାନର କାର୍ଯ୍ୟାନ୍ୱୟନ ପାଇଁ ସରକାରୀ ବ୍ୟାଙ୍କ, ଘରୋଇ ବ୍ୟାଙ୍କ, ଆଞ୍ଚଳିକ ଗ୍ରାମ୍ୟ ବ୍ୟାଙ୍କ ଏବଂ ୩୦ ଜଣ ପ୍ରମୁଖ ଜିଲ୍ଲା ପରିଚାଳକ ଦାୟିତ୍ୱ ନେଇଛନ୍ତି। କେନ୍ଦ୍ର ସରକାରଙ୍କ ଏହି ଅଭିଯାନ ଚଳିତ ମାସ ପହିଲାରୁ ଆରମ୍ଭ ହୋଇଛି। ଏହା ଆସନ୍ତା ସେପ୍ଟେମ୍ବର ମାସ ୩୦ ତାରିଖ ପର୍ଯ୍ୟନ୍ତ ଚାଲିବ। ତୃଣମୂଳସ୍ତରରେ ସମସ୍ତ ଗ୍ରାମ ପଞ୍ଚାୟତକୁ ଅନ୍ତର୍ଭୁକ୍ତ କରିବ। ଅନୁନ୍ନତ ଗ୍ରାମୀଣ ଏବଂ ଦୁର୍ଗମ ଅଞ୍ଚଳରେ ଏହି ପଦକ୍ଷେପ ଜନସାଧାରଣଙ୍କୁ ବ୍ୟାପକ ଆନୁଷ୍ଠାନିକଭାବେ ଆର୍ଥିକ ସେବା ପ୍ରଦାନ କରିପାରିବ।

ଏହି ଅଭିଯାନରେ ମୁଖ୍ୟତଃ ପ୍ରଧାନମନ୍ତ୍ରୀ ଜନଧନ ଯୋଜନା, ଜୀବନଜ୍ୟୋତି ବୀମା ଯୋଜନା, ସୁରକ୍ଷାବୀମା ଯୋଜନା ଏବଂ ଅଟଳ ପେନସନ୍ ମାଧ୍ୟମରେ ବ୍ୟକ୍ତିବିଶେଷଙ୍କୁ ପଞ୍ଜୀକରଣ, ନିଷ୍କ୍ରିୟ ଆକାଉଣ୍ଟଗୁଡ଼ିକର ପୁନଃଯାଞ୍ଚ, ଡିଜିଟାଲ ଠକେଇ ଏବଂ ଅଭିଯୋଗ ସମାଧାନ ବ୍ୟବସ୍ଥା ବିଷୟରେ ନାଗରିକମାନଙ୍କୁ ଶିକ୍ଷା ଦେବା ଉପରେ ଗୁରୁତ୍ୱ ପ୍ରଦାନ କରୁଛି।

ଆକାଶବାଣୀ ସମ୍ବାଦ ବିଭାଗ ପକ୍ଷରୁ ମୁଁ ସ୍ମୃତିରେଖା ତାରେଣିଆ

***BBSR/R***

## ଡ୍ୟାସବୋର୍ଡ ସମୀକ୍ଷା

ସହରାଞ୍ଚଳ ଭିତ୍ତିଭୂମି ସୁଦୃଢ଼ କରିବା ନେଇ ୩୬ତମ ଡ୍ୟାସବୋର୍ଡ ସମୀକ୍ଷା ବୈଠକ ଭୁବନେଶ୍ୱରସ୍ଥିତ ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗର ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ବିଭାଗର ପ୍ରମୁଖ ଶାସନ ସଚିବ ଉଷା ପାଢ଼ିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ

ସହରାଞ୍ଚଳ ଭିତ୍ତିଭୂମି ବିକାଶ ସମ୍ପର୍କରେ ବିଭିନ୍ନ କାର୍ଯ୍ୟଗୁଡ଼ିକରେ ସମୀକ୍ଷା କରାଯାଇଥିଲା। ମୁଖ୍ୟତଃ ୧୧୫ଟି ସ୍ୱାୟତ୍ତ ଶାସନ ସଂସ୍ଥାରେ ରାଜ୍ୟର ସହରାଞ୍ଚଳ ଭିତ୍ତିଭୂମି ଉନ୍ନୟନ ପାଣ୍ଠି ଅଧୀନରେ ଚାଲିଥିବା ଷ୍ଟ୍ରିଟ୍ ଲାଇଟିଂ କାର୍ଯ୍ୟର ସମୀକ୍ଷା ସହ ନିର୍ଦ୍ଧାରିତ ସମୟରେ ଶେଷ ପାଇଁ ଶ୍ରୀମତୀ ପାଢ଼ି ବୈଠକରେ ଗୁରୁତ୍ୱାରୋପ କରିଥିଲେ। ଏହା ସହ ତୃଣମୂଳସ୍ତରରେ ଆସୁଥିବା ବିଭିନ୍ନ ମତାମତ ସମ୍ପର୍କରେ ବୈଠକରେ ଆଲୋଚନା କରାଯାଇଥିଲା।

***Kandhamal/R/V***

## ନକ୍ସଲ ଦମନ

ନକ୍ସଲ ଦମନ ଅଭିଯାନକୁ କଡ଼ାକଡ଼ି କରିବା ପାଇଁ କନ୍ଧମାଳ ଜିଲ୍ଲାରେ ଆଇ.ଜି ଅପରେସନ୍ ଟିମ୍ ପହଁଞ୍ଚିଛନ୍ତି।  ଆଇ.ଜି. ଅପରେସନ୍ ଟିମ୍ ସଞ୍ଜୀବ ପଣ୍ଡା' ଦକ୍ଷିଣାଞ୍ଚଳ ଆଇ.ଜି. ନୀତିଶ ଶେଖରଙ୍କ ସହ କନ୍ଧମାଳ, କଳାହାଣ୍ଡି, ବୌଦ୍ଧ, ଗଜପତି ଏବଂ ରାୟଗଡ଼ା ଆରକ୍ଷୀ ଅଧୀକ୍ଷକଙ୍କ ସହ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏ ସମ୍ପର୍କରେ ଆଇ.ଜି. ଅପରେସନ୍ ସଞ୍ଜୀବ ପଣ୍ଡା କହିଛନ୍ତି...

**- V/O –**

***DHNKL***

## ସମୀକ୍ଷା ବୈଠକ

ଢେଙ୍କାନାଳ ଜିଲ୍ଲାପାଳ ସୋମେଶ କୁମାର ଉପାଧ୍ୟାୟଙ୍କ ଅଧ୍ୟକ୍ଷତାରେ ଜିଲ୍ଲାରେ ଆଇନଶୃଙ୍ଖଳା ପରିଚାଳନା ସମ୍ପର୍କରେ ଏକ ସମୀକ୍ଷା ବୈଠକ

ଅନୁଷ୍ଠିତ ହୋଇଯାଇଛି। ଆରମ୍ଭରୁ ଅପରାଧିମାନଙ୍କ ଉପରେ ରୋକ ଲଗାଇଲେ ବଡ଼ ବଡ଼ ଅପରାଧକୁ ରୋକାଯାଇପାରିବ ବୋଲି ଜିଲ୍ଲାପାଳ କହିଛନ୍ତି। ପୁଲିସ ଏବଂ ପ୍ରଶାସନ ମିଳିତ ଭାବେ କାର୍ଯ୍ୟ କଲେ ଆଇନ ଶୃଙ୍ଖଳା ପରିଚାଳନା ଶୃଙ୍ଖଳିତ ଏବଂ ବ୍ୟବସ୍ଥିତ ହୋଇପାରିବ ବୋଲି ଆରକ୍ଷୀ ଅଧୀକ୍ଷକ ଅଭିନବ ସୋନକର କହିଛନ୍ତି। ବୈଠକରେ ସର୍ବସାଧାରଣ ସ୍ଥାନରେ ମଦ୍ୟପାନ, ମହିଳାଙ୍କୁ ଅସଦାଚରଣ, ଶିଶୁ ଏବଂ ବରିଷ୍ଠ ନାଗରିକଙ୍କ ପ୍ରତି ହେଉଥିବା ଅପରାଧକୁ ରୋକିବା ଏବଂ ତ୍ୱରିତ ସମାଧାନ କରିବା ଦିଗରେ ଗୁରୁତ୍ୱାରୋପ କରାଯାଇଛି।

*Nayagarh*

## ଚାରାରୋପଣ

ନୟାଗଡ଼ ଜିଲ୍ଲା ଖଣ୍ଡପଡ଼ାସ୍ଥିତ ପିଏମ୍‌ଶ୍ରୀ ରାମଚନ୍ଦ୍ର ଉଚ୍ଚବିଦ୍ୟାଳୟରେ ଚାରାରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ଖଣ୍ଡପଡ଼ା ବିଧାୟକ ଦୁଷ୍ମନ୍ତ କୁମାର ସ୍ୱାଇଁ ଯୋଗଦେଇ ବିଭିନ୍ନ କିଶମର ଚାରାରୋପଣ କରିଥିଲେ। ଆଗାମୀ ଦିନରେ ଖଣ୍ଡପଡ଼ା ଅଞ୍ଚଳରେ ପ୍ରାୟ ୨ ଲକ୍ଷ ଚାରାରୋପଣ କରାଯିବାକୁ ଲକ୍ଷ୍ୟ ରଖାଯାଇଥିବା ବିଧାୟକ ଶ୍ରୀ ସ୍ୱାଇଁ କହିଛନ୍ତି।

***MET***

## ପାଣିପାଗ

ସାମୁଦ୍ରିକ ବାତ୍ୟା 'ଉଇଫା' ପ୍ରଭାବରେ ସୃଷ୍ଟ ଘୂର୍ଣ୍ଣିବଳୟ ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଉତ୍ତର ବଙ୍ଗୋପସାଗରରେ ପ୍ରବେଶ କରିବାର ସମ୍ଭାବନା ରହିଛି ବୋଲି ପାଣିପାଗ ବିଭାଗ ପୂର୍ବାନୁମାନ କରିଛି। ଏହାର

ପ୍ରଭାବରେ ଆଗାମୀ ୪୮ ଘଣ୍ଟା ମଧ୍ୟରେ ଏକ ଲଘୁଚାପ କ୍ଷେତ୍ର ସୃଷ୍ଟି ହେବାର ସମ୍ଭାବନା ରହିଛି। ରାଜ୍ୟର ବିଭିନ୍ନ ଜିଲ୍ଲାରେ ଆସନ୍ତା ୨୪ ଘଣ୍ଟା ମଧ୍ୟରେ ବଜ୍ରପାତ ସହ ପ୍ରବଳ ବର୍ଷା ହେବା ନେଇ ୨୧ ଜିଲ୍ଲାକୁ ଭୁବନେଶ୍ୱର ଆଂଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ସତର୍କ ସୂଚନା ଜାରି କରାଯାଇଛି।

*****